Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୮.୫ | ୨୮.୨ |
| କଟକ | ୧୫ | ୨୮.୧ |
| ବାଲେଶ୍ୱର | ୧୬.୨ | ୨୬.୭ |
| ଗୋପାଳପୁର | ୧୯.୪ | ୨୫.୧ |
| ଝାରସୁଗୁଡ଼ା | ୧୦.୧ | ୨୭.୫ |

ବିତର୍କ/ମତାମତ ସଂଗ୍ରହ

ନଦୀ ସଂଯୋଗୀକରଣ ଯୋଜନା ଏକ ବାସ୍ତବବାଦୀ ପଦକ୍ଷେପ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ନେଇ ଆନ୍ଦୋଳନ ତୀବ୍ର ହେଉଛି, ଏସପିର ଧାରଣା, ପ୍ରଧାନମନ୍ତ୍ରୀଙ୍କୁ ସିପିଏମର ଦାବିପତ୍ର

ଭୁବନେଶ୍ୱର,(ଇମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବି ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କ୍ରମେ ତୀବ୍ର ହେଉଛି। ସମାଜବାଦୀ ପାର୍ଟି ପକ୍ଷରୁ ରାଜଭବନ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯାଇଥିବା ବେଳେ ସିପିଆଇ(ଏମ) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରାଜ୍ୟରେ ଉଚ୍ଚ ମାନର ଶିକ୍ଷାଦାନ, ବୈଜ୍ଞାନିକ ପଦ୍ଧତିରେ ଗବେଷଣା ଏବଂ ସୂଚନା ବିଜ୍ଞାନର ପ୍ରସାର ନିମନ୍ତେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଦାବି କରି ସମାଜବାଦୀ ପାର୍ଟି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆ ଯାଇଥିଲା। କେନ୍ଦ୍ରର ବୈମାତୃକ ମନୋଭାବ ଯୋଗୁ ରାଜ୍ୟରେ ବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କିମ୍ବା ସର୍ବଭାରତୀୟ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପାର୍ଟିର ରାଜ୍ୟ ସଭାପତି ବୈଷ୍ଣବ ଚରଣ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ରାମେଶ୍ୱର ଠାକୁରଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଭଳି ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ, ବୁର୍ଲା ଇଂଜିନିୟରିଂ କଲେଜକୁ ଆଇ.ଆଇ.ଟି ମାନ୍ୟତା ପ୍ରଦାନ, ପାରାଦୀପରେ ତୈଳ ବିଶୋଧନାଗାର, ସିଜୁଆରେ ଜାତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଦାବିରେ ସିପିଏମ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଭେଟିଥିଲେ। ପାର୍ଟିର ପଲିଟିବ୍ୟୁରୋ ସଦସ୍ୟ ତଥା ସାଂସଦ ସୀତାରାମ ୟେଚୁରୀ, ବାସୁଦେବ ଆଚାର୍ଯ୍ୟ, ରାଜ୍ୟ କମିଟି ସଂପାଦକ ଜନାର୍ଦ୍ଦନ ପତି, ପି.ମଧୁ, ବାବୁ ରାଓ, ଦପଙ୍କର ମୁଖାର୍ଜି, ଅମିତାଭ ନନ୍ଦୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ଥିଲେ। ବଜେଟରେ ଅର୍ଥ ବ୍ୟବସ୍ଥା ନକରି ଏନଡିଏ ସରକାର ଏହି ସବୁ ପ୍ରକଳ୍ପ ପ୍ରତିଷ୍ଠା ଘୋଷଣା କରି ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିନିଧି ଦଳକୁ ଦର୍ଶାଇବା ସହ ଘୋଷିତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ଦିଗରେ କ'ଣ ପଦକ୍ଷେପ ନିଆ ଯାଇପାରିବ ସେ ନେଇ ଅନୁଧ୍ୟାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ପୂର୍ବପୃଷ୍ଠା



ଗାଙ୍ଗୁଲିଙ୍କୁ ଭାରତୀୟ ଦଳରୁ ବାଦ୍ ଦେବା ପ୍ରସଙ୍ଗକୁ ନେଇ ସଂସଦରେ କୌଣସି ବିତର୍କ ହେବ ନାହିଁ: ବାଚସ୍ପତି

ଅନ୍ୟାନ୍ୟ ଖବର

- ସାରା ରାଜ୍ୟକୁ ବିମାନପଥରେ ଯୋଡ଼ିବ ଇଷ୍ଟ ଏୟାର
- ଚାକିରି ଗଲା; ବକେୟା ଟଙ୍କା ମିଳିଲାନି, ଯୋଗୀନ୍ଦ୍ରର ପରିବାର ଅର୍ଦ୍ଧାହାରରେ!
- ଅଭାବ ଯୋଗୁଁ ଜିଲ୍ଲାରୁ ବହୁ ବାଳକ, ବାଳିକା ରାଜ୍ୟ ବାହାରକୁ ଯାଉଛନ୍ତି
- ଅଣଛାତ୍ରଙ୍କ ମାଡ଼ରେ ଜାମଶୂଳୀ କଲେଜ ଛାତ୍ର ନେତା ଆହତ
- ରାୟଗଡ଼ କବିତା ଉତ୍ସବ ୨୦୦୫
- ଟ୍ରକ୍ ଧକ୍କାରେ ବିଡ଼ି ଶ୍ରମିକଙ୍କ ମୃତ୍ୟୁ, ଝିଅ ଗୁରୁତର, ତେଲ ଟାଙ୍କି ଫାଟିଯିବାରୁ ଅଗ୍ନିକାଣ୍ଡ
- ଚାକିରି ଗଲା; ବକେୟା ଟଙ୍କା ମିଳିଲାନି, ଯୋଗୀନ୍ଦ୍ରର ପରିବାର ଅର୍ଦ୍ଧାହାରରେ!
- ମୋବାଇଲ୍ ଫୋନ୍ ଟ୍ରାଫିକ୍ ଜାମ୍
- ଷାଠିବାଟୀର ଠାକୁରାଣୀ ମା' ଦକ୍ଷିଣ କାଳୀ
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଜାନୁରଂଜନ ଥିଲେ
- ଦୈତ୍ୟାରିଙ୍କ ନନ୍ଦିଘୋଷ
- କୁକୁର ପ୍ରତି ସାବଧାନ!
- ଜନସାଧାରଣ ରକ୍ତ ମୁଖା: ରାସ୍ତା-ପୋଲ ଉଡାଇ ଦେବୁ
- ଯଅଁରା ମୁହାଣରେ ଆଡ଼ିବନ୍ଧ ନିର୍ମାଣ ହେଲେ

ପରିସ୍ଥିତି ଭୟଙ୍କର ହେବ: ସଂଘର୍ଷ ସମିତି

- ବାରମ୍ବାର ପ୍ରଶ୍ନ କଲେ ହିଁ ପିଲାମାନେ ଏଡ୍‌ସ ସଂପର୍କରେ ଅଧିକ ସଚେତନ ହୋଇପାରିବେ
- ମହାରାଷ୍ଟ୍ର ପୁଲିସ ହାର ମାନିଲା...

Copyright © 2001 orissasambad.com

Site Developed by : www.wayindia.com